## ସଂକ୍ଷେପରେ

### ଖରସ୍ରୋତାରେ ଭାସି ଯାଉଥିବା ମହିଳା ଉଦ୍ଧାର

**ବିଞ୍ଝାରପୁର,୨୨।୧୧(ଡି.ଏନ.ଏ.):** ଖରୋସ୍ରୋତାରେ ଭାସି ଯାଉଥିବା ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ମହିଳାହେଲେ ବିଞ୍ଝାରପୁର ଥାନା ଅଧୀନ ଫତେପୁର ପଞ୍ଚାୟତ ବଇଁଶିପୁର ଗ୍ରାମର ମୃତ୍ୟୁଞ୍ଜୟ ଜେନାଙ୍କ ସ୍ତ୍ରୀ ପିଙ୍କି। ଉଦ୍ଧାର ପରେ ସ୍ଥାନୀୟ ଲୋକେ ମହିଳାଙ୍କୁ ଏକ ଅଟୋ ଯୋଗେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ମହିଳା ଜଣକ ବଗମରା ସେତୁ ଉପରୁ ଖରସ୍ରୋତା ନଦୀକୁ ଡେଇଁଥିଲେ ବୋଲି କେତେଜଣ ଲୋକ ଦେଖିଥିବା କହିଛନ୍ତି। ନଦୀର ପ୍ରଖର ସୁଅରେ ମହିଳା ଭାସି ଯାଉଥିବାଦେଖି ପାଖରେ କାମ କରୁଥିବା କପିଳା ଗ୍ରାମର ବଳରାମ ବେହେରା, ବିଞ୍ଝାରପୁର ଗ୍ରାମର ରାଜା ଯେନା, ମାଁସଡା ଗ୍ରାମର ଶ୍ୟାମସୁନ୍ଦର ବେହେରା, କଲ୍ୟାଣପୁର ଗ୍ରାମର ଉତ୍କଳ ଦାଶ ଯାଇ ତାଙ୍କୁ ମଝି ନଦୀରୁ ଉଦ୍ଧାର କରିଥିଲେ। ମହିଳାଙ୍କ ଜୀବନ ବଞ୍ଚିଯାଇଥିବାରୁ ସମ୍ପୃକ୍ତ ଯୁବକଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରସଂଶା କରାଯାଇଛି। ତେବେ ପାରିବାରିକ କଳହ ଯୋଗୁ ମହିଳା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ଗ୍ରାମର କେତେଜଣ ବ୍ୟକ୍ତି ପ୍ରକାଶ କରିଛନ୍ତି।

### ବିଜ୍ଞପ୍ତି ପୂର୍ବରୁ ଦାୟିତ୍ୱ, ଜିଲାପାଳଙ୍କୁ ଅଭିଯୋଗ

**ସ୍ୱୟଂ ସହାୟକ ଗୋଷ୍ଠୀକୁ ରାଶନ ଦାୟିତ୍ୱ ପ୍ରଦାନ**

**ପଟ୍ଟାମୁଣ୍ଡାଇ, ୨୨।୧୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଖାଉଟିମାନଙ୍କୁ ସୁଚାରୁ ରୂପେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ବଣ୍ଟନ ନିମନ୍ତେ ରାଜ୍ୟ ସରକାର ଓ ଯୋଗାଣ ବିଭାଗ ସ୍ୱୟଂ ସହାୟିକାଙ୍କୁ ଦାୟିତ୍ୱ ପ୍ରଦାନ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ କେନ୍ଦ୍ରାପଡା ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ୧୮ରେ ଚିଠି ନଂ. ୨୫୬ରେ ବିଜ୍ଞପ୍ତି ଜାରି କରିଥିଲେ। ସେହି ମାସ ୨୪ ତାରିଖରେ ଇଚ୍ଛୁକ ସ୍ୱୟଂ ସହାୟିକା ଗୋଷ୍ଠୀ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ କୁହାଯାଇଥିଲା। ମାତ୍ର ଉକ୍ତ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ କେନ୍ଦ୍ରାପଡା ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତର ଏକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ରାଶନ ସାମଗ୍ରୀ ପ୍ରଦାନ ଲାଗି ଦାୟିତ୍ୱ ଦେବା ଘଟଣା ଅନ୍ୟମାନଙ୍କୁ ବିସ୍ମିତ କରିଛି। ଉକ୍ତ ବିଜ୍ଞାପନ ପ୍ରକାଶ କରା ନ ଯାଇ କାଗଜପତ୍ରରେ ସୀମିତ ରଖାଯାଇଥିବାରୁ ଖାଲି ପଡିଥିବା ୧୪ଟି କେନ୍ଦ୍ରରେ କୌଣସି ଗୋଷ୍ଠୀ ଆବେଦନ କରିପାରି ନ ଥିଲେ। ଆବେଦନ କରି ପାରି ନ ଥିବା ଗୋଷ୍ଠୀର ମହିଳାମାନେ ଚଳିତମାସ ୧୮ ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯାଇ ଠିକ୍ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ପ୍ରତିଶ୍ରୁତି ଦେଇଛନ୍ତି।

### ଗଞ୍ଜେଇ ଜବତ: ୪ ଗିରଫ

**ବାଲିଚନ୍ଦ୍ରପୁର,୨୨।୧୧(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ମଦ ଓ ଗଞ୍ଜେଇ ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ତେବେ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍କ୍ୱାଡ୍ ଶନିବାର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉରେ ୩ ଜଣ ଗଞ୍ଜେଇ ଓ ଜଣେ ମଦ ବେପାରୀ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୨ କିଲୋ ୫୫୦ ଗ୍ରାମ ଗଞ୍ଜେଇ ଓ ୭୦ ବୋତଲ ଦେଶୀମଦ ଜବତ ହୋଇଛି। ଗିରଫ ଗଞ୍ଜେଇ ବ୍ୟବସାୟୀ ହେଲେ ବାଲିଚନ୍ଦ୍ରପୁର ଅଞ୍ଚଳର ବିଶ୍ୱଜିତ୍ ସାହୁ (୨୨), ସଞ୍ଜୟ କୁମାର ବେହେରା (୩୫) ଓ ମାହାଙ୍ଗା ଥାନା ପଣସପୁର ଗ୍ରାମର ସନାତନ ନାୟକ(୩୦)। ମଦ ବ୍ୟବସାୟୀ ହେଲେ ମାହାଙ୍ଗା ଥାନା କୁସୁପୁର ଗ୍ରାମର ରମେଶ ଚନ୍ଦ୍ର ସାହୁ (୩୫)। ଏନେଇ ୨ଟି ମାମଲା ରୁଜୁ ହୋଇଛି। ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ଖରସ୍ରୋତାକୁ ଶୁଷ୍କ ହେବାକୁ ଦିଆଯିବନି







ଖରସ୍ରୋତା ନଦୀ ଶଯ୍ୟାରେ ଅନୁଷ୍ଠିତ ଜନସମାବେଶରେ ଯୋଗଦେଇଥିବା ଅତିଥି ଓ ଜନସାଧାରଣ।

**ଆଳି/ରାଜକନିକା, ୨୨।୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଖରସ୍ରୋତା ନଦୀରୁ ଭଦ୍ରକ ଜିଲାର ୪ ବ୍ଲକକୁ ପାଣି ଦେବା ଲାଗି ସରକାର ରାଜକନିକାର ଭାରିଗଦାଠାରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରିବାକୁ ଯାଉଛନ୍ତି। ଏଥିଲାଗି ୯୮୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ଖରସ୍ରୋତା ବଞ୍ଚାଅ ଅଭିଯାନ ପକ୍ଷରୁ ହେଉଥିବା ବିରୋଧ ତୀବ୍ରତର ହେବାରେ ଲାଗିଛି। ରବିବାର ରାଜକନିକାର ଭାରିଗଦା ନିକଟ ଖରସ୍ରୋତା ନଦୀର ଶୁଷ୍କ ବାଲି ଶଯ୍ୟାରେ ଜନସମାବେଶ ଆୟୋଜିତ ହୋଇଯାଇଛି। ଶରୀରରେ ଗୋଟିଏ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଖରସ୍ରୋତାକୁ ଶୁଷ୍କ ହେବାକୁ ଦିଆଯିବନି ବୋଲି ଜନସମାବେଶରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ବର୍ତ୍ତମାନ ସମୟରେ ଅନେକ ନଦୀ ଶୁଷ୍କ ହେବାରେ ଲାଗିଛି। ୨୦ ବର୍ଷ ତଳେ ନଦୀଗୁଡିକୁ ଯେତିକି ପାଣି ଆସୁଥିଲା, ଆଜିର ସମୟରେ ତା'ର ୧୦ ଭାଗରୁ ଭାଗେ ଆସୁଛି। କେନ୍ଦ୍ରାପଡା ଜିଲାରେ ପ୍ରବାହିତ ନଦୀଗୁଡିକ ମଧ୍ୟରୁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀକୁ ଛାଡି ଦେଲେ ଅନ୍ୟ ନଦୀର ଜଳ ଲବଣାକ୍ତ ହେବାକୁ ଲାଗିଲାଣି। ତେଣୁ ଆବଶ୍ୟକତାଠାରୁ ଅଧିକ ଜଳ ନିଆଗଲେ ଭବିଷ୍ୟତରେ ଖରସ୍ରୋତାର ଜଳ ଲବଣାକ୍ତ ହେବା ସହ କ୍ରମଶଃ ଶୁଖିଯିବ। ତେଣୁ ବ୍ୟବହାରଯୋଗ୍ୟ ଜଳଠାରୁ ଅଧିକ ହେଲେ କାହାକୁ ଦିଆଯିବ, ନଚେତ ଦିଆଯିବନାହିଁ। ଅଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନା ନ କରି ଏଠାରେ କୌଣସି ପ୍ରକଳ୍ପ କରାଯାଇପାରିବ ନାହିଁ। ଏହି ଆନ୍ଦୋଳନକୁ ପୂର୍ଣ୍ଣଭାବେ ସମର୍ଥନ କରିବାକୁ ଓଡ଼ିଶା ଜନଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରାୟ ଓ ମହାନଦୀ ବଞ୍ଚାଅ ସଂଗ୍ରାମ ସମିତିର ପ୍ରମୁଖ ସୁଦର୍ଶନ ଦାସ କହିଛନ୍ତି। ଖରସ୍ରୋତା ବଞ୍ଚାଅ ଅଭିଯାନର ପ୍ରମୁଖ ସଦସ୍ୟ ବିଧାନ ଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନସମାବେଶରେ ପୋସ୍କୋ ବିରୋଧୀ ସଂଗ୍ରାମ ସମିତିର ମୁଖ୍ୟ ଅଭୟ ସାହୁ ଯୋଗଦେଇ କହିଥିଲେ ଯେ, ପୋସ୍କୋ ପ୍ରକଳ୍ପ ବନ୍ଦ ହେଲା ଭଳି ଏଠାରେ ଖରସ୍ରୋତା ମେଗା ପ୍ରକଳ୍ପ ବନ୍ଦ ପାଇଁ ଏକ ସର୍ବସମ୍ମତି ପ୍ରସ୍ତାବ ଅନୁମୋଦିତ ହେଉ। ଅଞ୍ଚଳର ଲୋକମାନଙ୍କ ଜୀବନଜୀବିକା ସହ ସମ୍ପୃକ୍ତ ଖରସ୍ରୋତାରୁ ଯେଉଁମାନେ ମେଗା ପ୍ରକଳ୍ପ କରିବାକୁ କହୁଛନ୍ତି, ସେମାନେ ଲୋକଙ୍କ ସହ ଆଲୋଚନା କରି ଆଗକୁ ଯାଆନ୍ତୁ। ବିନା ଆଲୋଚନାରେ ଲୋକେ କେବେ ବି ପଛକୁ ଘୁଞ୍ଚିବେ ନାହିଁ। ଜନସାଧାରଣଙ୍କ ଜୀବନ ରେଖା ଖରସ୍ରୋତାକୁ ଶୁଷ୍କ ହେବାକୁ ଦିଅନ୍ତୁ ନାହିଁ। ସେ ଏହି ଆନ୍ଦୋଳନରେ ରହିଛନ୍ତି ଓ ଆଗାମୀ ଦିନରେ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସିପିଆଇଏମ୍ ନେତା ଅଳିକେଶ୍ୱର ପଟ୍ଟନାୟକ, ଏସ୍‌ୟୁସିଆଇ ନେତା ସଦାଶିବ ଦାସ ଓ କ୍ଷୀରୋଦ କୁମାର କର ଦୃଢ଼ ଆନ୍ଦୋଳନ ଦ୍ୱାରା ଦାବି ହାସଲ କରାଯାଇପାରିବ ବୋଲି କହିଥିଲେ। କଂଗ୍ରେସର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଏବଂ କଂଗ୍ରେସ ମୁଖପାତ୍ର ସତ୍ୟପ୍ରକାଶ ନାୟକ, କଂଗ୍ରେସର କେନ୍ଦ୍ରାପଡା ଜିଲା ସଭାପତି ଅଂଶୁମାନ୍ ମହାନ୍ତି, ଓଡ଼ିଶା ବାର ଆସୋସିଏଶନର ପୂର୍ବତନ ସଭାପତି ଆଇନଜୀବୀ ଧରଣୀଧର ନାୟକ ପ୍ରମୁଖ ସରକାରଙ୍କର ଜନବିରୋଧୀ କାର୍ଯ୍ୟକ୍ରମକୁ ଘୋର ବିରୋଧ କରିବା ସହ ଖରସ୍ରୋତା ନଦୀ ପାଣିକୁ ଅପବ୍ୟବହାର ନ କରିବାକୁ ସରକାରଙ୍କୁ ଚେତାବନୀ ଦେଇଥିଲେ। ଭାଜପା ନେତା ଦୋଳଗୋବିନ୍ଦ ନାୟକ, ବ୍ରଜସୁନ୍ଦର ଭୂୟାଁ, କୃଷ୍ଣଚନ୍ଦ୍ର ପଣ୍ଡା ଓ ରଶ୍ମି ରଞ୍ଜନ ବେହୁରା ପ୍ରମୁଖ କହିଥିଲେ ଯେ, ଖରସ୍ରୋତାର ପାଣି ଆଳି, ରାଜକନିକା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ଏଠୁ କାହାରିକୁ ପାଣି ଦିଆଯିବ ନାହିଁ। ସେମାନଙ୍କ ସଂଗ୍ରାମ ଏବେଠାରୁ ଚାଲୁ ରହିବ। ଆଳି, ରାଜକନିକାବାସୀଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇ ଏହି ପ୍ରକଳ୍ପ କରାଇ ଦିଆଯିବନାହିଁ ବୋଲି ଅଞ୍ଚଳର ଜନସାଧାରଣ ଜନସମାବେଶ ସ୍ଥଳରେ ଶପଥ ନେଇଥିଲେ।

**ଭଦ୍ରକକୁ ପାଣିଦେବା ବିବାଦ**

**ଅଞ୍ଚଳବାସୀଙ୍କ ପକ୍ଷରୁ ଜନସମାବେଶ**

# ଟ୍ରକ୍ ପଛରେ ଧକ୍କା ହେଲା ଟ୍ରକ୍: ଜଣେ ମୃତ

**ଛଡିଆ,୨୨।୧୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନ ଛଡିଆ ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଅନ୍ୟ ଏକ ଟ୍ରକ୍ ଧକ୍କା ହୋଇଛି। ଏଥିରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡିନାହିଁ।

ସୂଚନା ଅନୁସାରେ, ଛଡିଆ ନିକଟସ୍ଥ ଆଇବିପି ପେଟ୍ରୋଲ ପମ୍ପ ପାଖ ରାସ୍ତା କଡ଼ରେ ଟ୍ରକ୍ (ନଂ. ଓଆର୍-୧୪ଟି-୧୩୨୮) ଠିଆ ହୋଇଥିଲା। ଏହି ସମୟରେ କଟକରୁ ଯାଜପୁର ଅଭିମୁଖେ ଯାଉଥିବା ମାଲ୍ ବୋଝେଇ ଟ୍ରକ୍ ନଂ(ଓଡି-୦୪-ଏମ୍-୭୧୪୯) ପଛ ପଟୁ ଆସି ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉକ୍ତ ଟ୍ରକ୍ ଚାଳକଙ୍କ ଗୋଡ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ଗୁରୁତର ହୋଇଥିଲେ। ଖବର ପାଇ ଛଡିଆ ବିଟ୍ ହାଉସ୍ ପୋଲିସ ପହଞ୍ଚି ଗୁରୁତର ଟ୍ରକ୍ ଚାଳକଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲ ପଠାଇବା ସହ ୨ ଟ୍ରକ୍‌କୁ ଜବତ କରିଥିଲା। କଟକରେ ସମ୍ପୃକ୍ତ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ତଦନ୍ତ ଜାରି ରହିଥିବା ଛଡିଆ ବିଟ୍ ହାଉସ୍ ପୋଲିସ ଅଧିକାରୀ ଜଗଦୀଶ କର ସୂଚନା ଦେଇଛନ୍ତି।




ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

# ବିଧାୟକଙ୍କ ସହ ଅଭିଯୁକ୍ତଙ୍କ ଲିଙ୍କ୍ ଅଭିଯୋଗ

**ନୟାଗଡ ଅଫିସ,୨୨।୧୧**

ନୟାଗଡ ଜିଲାର ଚାନ୍ଦପୁର ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ପ୍ରଧାନସାହିର ଅଭିଯୁକ୍ତ କାହ୍ନୁ ପ୍ରଧାନଙ୍କ ସହ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସମ୍ପୃକ୍ତି ଥିବା ଭାଜପା ଅଭିଯୋଗ ଆଣିଛି। ଏ ନେଇ ଚାନ୍ଦପୁର ଭାଜପା ପକ୍ଷରୁ ଏକ ସ୍ମାରକପତ୍ର ଆଇଆଇସିଙ୍କ ଜରିଆରେ ନୟାଗଡ ଏସ୍‌ପିଙ୍କ ଉଦ୍ଦେଶ୍ୟ ପ୍ରଦାନ କରାଯାଇଛି। ଏହାର ସତ୍ୟତା ଉନ୍ମୋଚନ କରିବାକୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ଭାଜପା ପକ୍ଷରୁ ଅଭିଯୋଗପତ୍ରରେ ଦର୍ଶାଯାଇଛି, କାହ୍ନୁଙ୍କ ଠକେଇ ଘଟଣାରେ ରଣପୁର ବିଧାୟକ ଓ ଜଣେ ଜିଲା ପରିଷଦ ସଭ୍ୟଙ୍କ ସହଯୋଗ ରହିଛି, ଯାହାକି ତଦନ୍ତସାପେକ୍ଷ। ସେହିପରି କାହ୍ନୁଠାରୁ ଜବତ ପାସ୍‌ବୁକରେ ବିଧାୟକଙ୍କ ପାଖକୁ କେତେ ଟଙ୍କା ସ୍ଥାନାନ୍ତର ହୋଇଛି ତା'ର ସାର୍ବଜନୀନ କରାଯାଉ। ରଣପୁର ମହୋତ୍ସବରେ କାହ୍ନୁ ବିଧାୟକଙ୍କ ପାଖେ ରହି କାମ କରୁଥିବା ଦେଖିବାକୁ ମିଳିଛି। ଏହାର ତଦନ୍ତ ପାଇଁ ନିବେଦନ କରାଯାଇଛି। ପୁଣି କାହ୍ନୁ ନାଁରେ ଥିବା କଳା ରଙ୍ଗର କାରକୁ ରଣପୁରର ଜଣେ ଅଧିକାରୀ ବ୍ୟବହାର କରୁଛନ୍ତି। ପ୍ରକାଶଥାଉ କି ରାଜ୍ୟ ସରକାରଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ପଦସ୍ଥ ପ୍ରଶାସନିକ ଅଧିକାରୀଙ୍କର ପରିଚୟପତ୍ର ବ୍ୟବହାର କରି କାହ୍ନୁ ବିପୁଳ ଅର୍ଥ ଠକିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଗତ ୧୧ ତାରିଖରେ ଚାନ୍ଦପୁର ପୋଲିସ କାହ୍ନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏ ସଂକ୍ରାନ୍ତରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, 'ରାଜନୈତିକ ଶତ୍ରୁତା ରଖି ବଦନାମ କରିବା ଠିକ୍ ନୁହେଁ। କାହ୍ନୁ ସହ ମୋର ସେପରି କିଛି ସମ୍ପର୍କ ନାହିଁ। ମୋ ପାଖକୁ ଅନେକ ଲୋକ ଆସୁଛନ୍ତି। ସମସ୍ତଙ୍କ ଚରିତ୍ର ଜାଣିବା ଠିକ୍ ନୁହେଁ। ଭାଜପାର ଅଭିଯୋଗରେ ରାଜନୈତିକ ଗନ୍ଧ ବାରି ହୋଇପଡୁଛି'।

# ବାରବାଟୀଠାରେ ଗଳିପୋଲ ନିର୍ମାଣ ଦାବି

**ରସୁଲପୁର,୨୨।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତର ବାରବାଟୀସ୍ଥିତ ୧୬ନଂ ଜାତୀୟ ରାଜପଥରେ ଏକ ଗଳିପୋଲି ନିର୍ମାଣ କରାଯିବାକୁ ଦାବି ହୋଇଛି। ଏନେଇ ବାରବାଟୀ ଆଞ୍ଚଳିକ ସମିତି ପକ୍ଷରୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ, ରାଜପଥର ଆଞ୍ଚଳିକ ଅଧିକାରୀ, ଯାଜପୁର ଜିଲାପାଳ, ରସୁଲପୁର ତହସିଲଦାର ଓ ଧର୍ମଶାଳା ଥାନା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ତେବେ ଗଳିପୋଲ ନିର୍ମାଣରେ ରାଜପଥ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ଜନସାଧାରଣ ରାଜପଥରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି ରାଜପଥର ଉଭୟ ପାର୍ଶ୍ୱରେ ଦୁର୍ଗାପୁର, ବାରବାଟୀ, ଫୁଲାଡି, ବେତଣ୍ଡା, ଚିତ୍ରକୂଳ ଆଦି ଗ୍ରାମର ୩୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ଅଞ୍ଚଳର ଲୋକଙ୍କ ଚଳଣି ବାରବାଟୀ ବଜାର ଉପରେ ନିର୍ଭର କରୁଛି। ସେମାନେ ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଇବା ପାଇଁ ରାଜପଥର ଉଭୟ ପାର୍ଶ୍ୱରେ ଥିବା ମହିଳା କୃଷକ ବଜାର, ବାରବାଟୀ ଶିକ୍ଷା ସଂଗମ, ହୋମିଓପ୍ୟାଥି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଣୀଧନ ଚିକିତ୍ସାଳୟ, ଡାକଘର, ସଂସ୍କୃତ ମହାବିଦ୍ୟାଳୟ, ଗାଁ ଶ୍ମଶାନ ଭଳି ପ୍ରମୁଖ ସ୍ଥାନକୁ ଯାତାୟାତ କରନ୍ତି। ସକାଳ ଓ ସନ୍ଧ୍ୟାରେ ୨୦୦୦ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ରାଜପଥର ପୂର୍ବପଟରେ ଥିବା ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇଥାନ୍ତି। ଏହାଛଡ଼ା ଅନ୍ୟ ସମସ୍ତ କାର୍ଯ୍ୟ ପାଇଁ ୧୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ରାସ୍ତା ପାରହୋଇ ଯାତାୟାତ କରିଥାନ୍ତି। ତେଣୁ ଏସବୁକୁ ଗୁରୁତ୍ୱ ଦେଇ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ସ୍ଥାନରେ ଗଳିପୋଲ ନିର୍ମାଣ କରାଗଲେ ରାଜପଥରେ ଦୁର୍ଘଟଣା ରୋକାଯାଇପାରିବା ସହ ଜନସାଧାରଣଙ୍କ ଯାତାୟାତ ସୁଗମ ହୋଇପାରିବ। ହେଲେ ଏହି ଅଞ୍ଚଳ ଲୋକଙ୍କ ଗୁରୁତ୍ୱକୁ ରାଜପଥ କର୍ତ୍ତୃପକ୍ଷ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ଏବେ ବାରବାଟୀ ନିକଟସ୍ଥ ଗଣେଶ ବଜାରଠାରେ ଏକ ପୋଲ ନିର୍ମାଣ ଜାରି ରହିଛି। ହେଲେ ଏହି ସ୍ଥାନରେ ଗଳିପୋଲ ନିର୍ମାଣ ନେଇ କୌଣସି ପ୍ରସ୍ତାବ ନ ଥିବା ଜଣାପଡ଼ିଛି। ଫଳରେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ସଙ୍ଗଠନକୁ ମଜଭୁତ କରିବ କଂଗ୍ରେସ

**ନୟାଗଡ ଅଫିସ/ଦଶପଲ୍ଲା, ୨୨।୧୧(ଡି.ଏନ୍.ଏ):** ଦଶପଲ୍ଲା ବ୍ଲକ ଓ ଏନ୍‌ଏସିରେ ସାଙ୍ଗଠନିକ ବୈଠକ ରବିବାର ଦଶପଲ୍ଲା ପାଟଣା ସାଇ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳ ସ୍ତରରୁ ଦଳକୁ ସକ୍ରିୟ କରାଯିବ। ଦଳ ବିରୋଧୀ କାର୍ଯ୍ୟ କରି ସରକାରଙ୍କର ଦୁର୍ନୀତିକୁ ପଦାରେ ପକାଇ ଲୋକଙ୍କ ନିକଟକୁ ଯିବ। ଖୁବ୍‌ଶୀଘ୍ର ଏନ୍‌ଏସର ସଭାପତି ପଦ ପୂରଣ ହେବ। ଜିଲା ସଭାପତି ରଣଜିତ୍ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୁସେନ ଖାନ, ଯୁବ କଂଗ୍ରେସ ନେତା ପ୍ରତୀକ ମହାପାତ୍ର, ଉମାରାଣୀ ପାଣି, ବିନୋଦ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଶ୍ରୀକ୍ଷେତ୍ରରୁ ଆସିଲା ପାଟଶାଢ଼ି



ଶ୍ରୀକ୍ଷେତ୍ରରୁ ଶ୍ରୀବଳଦେବଜୀଉଙ୍କ ଲାଗି ଆସିଥିବା ପାଟଶାଢ଼ି।

**କେନ୍ଦ୍ରାପଡା ଅଫିସ, ୨୨।୧୧**

କେନ୍ଦ୍ରାପଡା ସହରର ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କର ପ୍ରଳମ୍ବାସୁର ବଧ ବେଶ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଶ୍ରୀଜୀଉଙ୍କ ଆଭୂଷଣ ପାଇଁ ଶ୍ରୀକ୍ଷେତ୍ର ପୁରୀରୁ ୩ଟି ପାଟଶାଢ଼ି ରବିବାର ପହଞ୍ଚିଛି। ପୁରୀ ଶ୍ରୀଜଗନ୍ନାଥ ପ୍ରଶାସନର ସ୍ୱତନ୍ତ୍ର ପଦାଧିକାରୀ ସରୋଜ କୁମାର ରାୟ, ନାଜିର ବିମଳ କୁମାର କାମ୍ପିଲା, ସହାୟକ ସତ୍ୟନାରାୟଣ ପାତ୍ର ଶ୍ରୀଜୀଉଙ୍କ ପାଟଶାଢ଼ିକୁ ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ଦ୍ୱାପର ଯୁଗରେ କଂସ ମହାରାଜାଙ୍କ ଦ୍ୱାରା ପ୍ରେରିତ ପ୍ରଳମ୍ବାସୁରଙ୍କୁ ବଳରାମ ବଧ କରିଥିଲେ। ଏଥିପାଇଁ ଶ୍ରୀକୃଷ୍ଣ ବଡଭାଇ ଶ୍ରୀବଳରାମଙ୍କ ମୁଣ୍ଡରେ ଶିରିପା ବାନ୍ଧି ଥିଲେ। ଏହି ପୌରାଣିକ ଆଖ୍ୟାକୁ ନେଇ ଶ୍ରୀକ୍ଷେତ୍ର ପୁରୀରୁ ତୁଳସୀକ୍ଷେତ୍ର ଶ୍ରୀବଳଦେବଜୀଉଙ୍କ ନିକଟକୁ ପାଟଶାଢ଼ି ପ୍ରତିବର୍ଷ ଆସିଥାଏ। ପାଟଶାଢ଼ି ପ୍ରଦାନ ସମୟରେ ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟବୋର୍ଡ ସଦସ୍ୟ ଧୀରେନ କୁମାର ସାହୁ, ବଳରାମ ସୁଆର, ଯଯାତି କେଶରୀ ମହାନ୍ତି, ରଞ୍ଜନ କୁମାର ପୃଷ୍ଟି, ସୁପରଭାଇଜର ନୃସିଂହ ଚନ୍ଦ୍ର ପତ୍ରୀଙ୍କ ସମେତ ମନ୍ଦିର ସେବାୟତମାନେ ଉପସ୍ଥିତ ଥିଲେ।

### କରୋନା ସମୟରେ ଯନ୍ତ୍ର କରୁଛି କାର୍ଯ୍ୟ

**ନୟାଗଡ ଅଫିସ,୨୨।୧୧:** କରୋନା ଯୋଗୁ ଲୋକ ଜବ୍‌କାର୍ଡଧାରୀ ଘରେ ବସିଥିବାବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ ଯନ୍ତ୍ର କରୁଛି। ଏପରି ଅଭିଯୋଗ ନୟାଗଡ ବ୍ଲକ ଇଟାମାଟିରେ ହେଉଛି। ଇଟାମାଟି ମିନି ଷ୍ଟାଡିୟମରେ ଯନ୍ତ୍ର କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଜୁଲାଇ ୧୫ରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଜାଣି ଶୁଣି ବିଳମ୍ବ କରାଯାଉଛି।

# ବାଲିଘାଟ ନିଲାମ ବାତିଲ ଦାବି

**ବରୀ,୨୨।୧୧(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ମହାକାଳପଡ଼ା, ଅମଠପୁର ଓ ଗମ୍ଭୁ ପଞ୍ଚାୟତ ଦେଇ ବିରୂପା ନଦୀ ଅତିକ୍ରମ କରିଛି। ଉକ୍ତ ନଦୀର ବାଲିଘାଟକୁ ୧୦ ବର୍ଷ ହେବ ବରୀ ତହସିଲ ତରଫରୁ ନିଲାମ କରାଯାଉଛି। ମାତ୍ର ବିଡ଼ମ୍ବନାର ବିଷୟ ଯେ, ଯେଉଁ ସ୍ଥାନ ନିଲାମ ହେଉଛି ସେଠାରୁ ନିଲାଧାରୀ ବାଲି ନ ଉଠାଇ ମହାକାଳପଡ଼ା, ନୀଳାପଦା ଓ ବସନ୍ତପାଳ ଗ୍ରାମର ଦୁଆବ ଘେରିବନ୍ଧ ନିକଟରୁ ବାଲି ଉଠାଉଛନ୍ତି। ଫଳରେ ଏଠାକାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ନିଲାମ ପ୍ରକ୍ରିୟା ବାତିଲ କରିବାକୁ ଅମଠପୁର ସରପଞ୍ଚ ପ୍ରଶାନ୍ତ ଆର୍କ୍ୟ ଓ ଗମ୍ଭୁ ସରପଞ୍ଚ ଝୁନାରାଣୀ ସେଠୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ପତ୍ର ଲେଖି ଶୀଘ୍ର ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ସ୍ଥାନଗୁଡ଼ିକରୁ ବାଲି ଉଠାଯାଉଥିବାରୁ ନଦୀ ବନ୍ଧ କ୍ରମଶଃ ଦୁର୍ବଳ ହୋଇ ଘାଇ ସୃଷ୍ଟି ହେଉଛି। ତହସିଲ ପ୍ରଶାସନ ସହିତ ବାଲି ମାଫିଆଙ୍କ ଅସାଧୁ ମେଣ୍ଟ ଯୋଗୁ ଦିନକୁଦିନ ନଦୀର ଭୌଗୋଳିକ ପରିସ୍ଥିତି ବଦଳିବାରେ ଲାଗିଥିବା ଅଭିଯୋଗ ହୋଇଛି। ଦୁଆବ ଘେରିବନ୍ଧ ରାସ୍ତା ଦେଇ ବେଆଇନ ଭାବେ ବାଲି ବୋଝେଇ ଗାଡି ଯାତାୟାତ କରୁଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବନ୍ୟାର ଦୁଇମାସ ପରେ ବରୀ ବିଧାୟିକାଙ୍କ ଅନୁରୋଧ କ୍ରମେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବରୀ ଗସ୍ତରେ ଆସି ସ୍ଥିତି ସମୀକ୍ଷା କରିଥିଲେ। ଏହି ସମୟରେ ସେ ଯେଉଁଠାରେ ଅସୁବିଧା ରହିଛି ତାହା ସମାଧାନ କରାଯିବ ବୋଲି କହିଥିଲେ। ଏବେ ଦେଖିବାକୁ ଅପେକ୍ଷା ବିଭାଗୀୟ ମନ୍ତ୍ରୀ ଏ ଦିଗରେ କି ପଦକ୍ଷେପ ନେଉଛନ୍ତି।

# ଭିତରକନିକା ଜୀବଜନ୍ତୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

**କେନ୍ଦ୍ରାପଡା ଅଫିସ, ୨୨।୧୧**

ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟ ଦେଇ ଭଦ୍ରକର ଧାମରାରୁ କଟକ ପର୍ଯ୍ୟନ୍ତ କୋଇଲା ଚୋରା ଚାଲାଣ ପୁଣି ଆରମ୍ଭ ହୋଇଛି। ଏହି ଚୋରା ଚାଲାଣ ର୍ୟାକେଟ ଏବେ ସକ୍ରିୟ ହୋଇଥିବା ବେଳେ ଭିତରକନିକାର ଜୀବଜନ୍ତୁଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଲାଣି। କୋଭିଡ୍ ୧୯ କଟକଣା ଓ ନିଷିଦ୍ଧାଞ୍ଚଳ ନିୟମ ଏମାନଙ୍କୁ ସୁଯୋଗ ଦେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ କହୁଛନ୍ତି।

ଏ ସମ୍ପର୍କରେ ରାଜନଗରର ପ୍ରତ୍ୟୁଷ ନାୟକ କୁହନ୍ତି, ୨୦୧୯ ଏପ୍ରିଲରେ ରାଜନଗର ଥାନା ପୋଲିସ ଏପରି ଏକ ଘଟଣାରେ କଟକ ଜିଲା ଖୁଣ୍ଟୁଣୀ ଅଞ୍ଚଳର ଦୁଇ ଜଣ ବ୍ୟକ୍ତିଙ୍କୁ କୋଇଲା ଭର୍ତ୍ତି ଟ୍ରକ ସହ ଗିରଫ କରିଥିଲେ। ଏହାପରେ ବେଆଇନ ଭାବେ ହେଉଥିବା କୋଇଲା ଚାଲାଣ ବନ୍ଦ ହୋଇଥିଲା। ପୁଣି କିଛି ମାସ ହେଲା କୋଇଲା ଚୋରାଚାଲାଣ ଭିତରକନିକା ଅଭୟାରଣ୍ୟ ବାଟ ଦେଇ କଟକକୁ ଚାଲିଛି। ଏ ନେଇ ବନ ବିଭାଗ ଅଥବା ସ୍ଥାନୀୟ ପୋଲିସର ତଦାରଖ ନାହିଁ। ଫଳରେ ଭିତରକନିକାର ସଂରକ୍ଷିତ ଜୀବଜନ୍ତୁଙ୍କ ଚୋରାଚାଲାଣ ସମ୍ଭାବନା ସୃଷ୍ଟି ହୋଇଛି। ଏ ନେଇ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ନାୟକ ଦାବି କରିଛନ୍ତି। ରାଜନଗରର ତପନ କୁମାର ସାମଲ କୁହନ୍ତି, ଖମାର ପଞ୍ଚାୟତ ଅଧୀନ ପରମାନନ୍ଦପୁର ଗାଁ ସୀମାକୁ ଲାଗିଥିବା ବ୍ରାହ୍ମଣୀ ନଦୀକୂଳରେ ଏହି କାରବାର ଚାଲିଛି। ସିମେଣ୍ଟ ବସ୍ତାରେ ପ୍ୟାକିଂ ହୋଇ ଆସୁଥିବା କୋଇଲା ଧାମରାରୁ ବୋଟ ଯୋଗେ ସମୁଦ୍ରପଥ ଓ ବୈତରଣୀ ନଦୀ ଦେଇ ପରମାନନ୍ଦପୁରରେ ପହଞ୍ଚୁଛି। ବ୍ଲକର ନଳିତାପାଟିଆଠାରେ କୋଇଲା ଅନଲୋଡିଂ ହେଉଛି। ମାତ୍ର ୩ ଘଣ୍ଟା ମଧ୍ୟରେ ଏହା ଟ୍ରକରେ ଲୋଡ଼ ହୋଇ କଟକ ସହ ଅନ୍ୟ ସହରକୁ ଚାଲାଣ ହେଉଛି। ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଏହି କାରବାର ଚାଲିଥିବା ବେଳେ ବନବିଭାଗ ଟୋଲ ଏଠାରୁ ମାତ୍ର ୧ କି.ମି. ଦୂର। ରାତିରେ କୋଇଲା ଭର୍ତ୍ତି ଟ୍ରକଗୁଡିକ ଯାଉଥିବା ସାମଲ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଉପକୂଳ ସୁରକ୍ଷାକୁ ନେଇ ଜିଲା ପ୍ରଶାସନ ବହୁବାର ବୈଠକ କରୁଛନ୍ତି। ତେବେ ଏହାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠୁଛି। ସମୁଦ୍ର ମଧ୍ୟ ଦେଇ ବାଂଲାଦେଶୀ କେନ୍ଦ୍ରାପଡ଼ାକୁ ଆସୁଥିବା ବେଳେ ବିଭିନ୍ନ ନିଶା କାରବାର ହେଉଥିବା ଗଣମାଧ୍ୟମରେ ଜାଣିବାକୁ ମିଳୁଛି। ସେହିପରି ଚିଙ୍ଗୁଡି ଘେରି ଉଚ୍ଛେଦ, ହେନ୍ତାଳବଣ ନଷ୍ଟକୁ ନେଇ ଜିଲା ପ୍ରଶାସନ ସତର୍କ ନ ଥିବା ବେଳେ କୋଇଲା ଚୋରା ଚାଲାଣ ଭିତରକନିକାର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ସାହୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫଓ ବିକାଶ ରଞ୍ଜନ ଦାଶଙ୍କୁ ପଚାରିବାରେ ଭିତରକନିକା ଦେଇ କୋଇଲା ଚୋରା ଚାଲାଣ ଘଟଣା ନଜରକୁ ଆସିନାହିଁ। ଏପରି କାର୍ଯ୍ୟ ଚାଲିଥିଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**କୋଇଲା ଚାଲାଣକାରୀ ସକ୍ରିୟ**
- ନିଷିଦ୍ଧାଞ୍ଚଳ ନିୟମ ଦେଉଛି ସୁଯୋଗ
- ଭଦ୍ରକରୁ କଟକ ପର୍ଯ୍ୟନ୍ତ ଲମ୍ବିଛି ର୍ୟାକେଟ୍

**ଗୋଷ୍ଠାଷ୍ଟମୀରେ ଗୋରୁ ବନ୍ଦାପନା କଲେ ମହିଳା**

ଖଣ୍ଡପଡା,(ସ୍ୱ.ପ୍ର): ଖଣ୍ଡପଡା, ଖଳିସାହି, କୋସକା, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ସିଧାମୂଳା, ଶାଳଝରିଆ ଆଦି ଅଞ୍ଚଳରେ ଗୋଷ୍ଠାଷ୍ଟମୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସେହିପରି କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ରାଧାମୋହନ ଜୀଉ ମଠରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ସାଢେ ୪ଟାରେ ଶ୍ରୀଜୀଉଙ୍କ ବିଗ୍ରହକ ଶୋଭାଯାତ୍ରାରେ ନିକଟସ୍ଥ ମାଘମେଳା ପଡିଆକୁ ବିଜେ କରାଯାଇଥିଲା। ସେଠାରେ ଗ୍ରାମର ସମସ୍ତ ଗୋରୁଙ୍କୁ ଏକାଠି କରାଯାଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା ପରେ ମହିଳାମାନେ ଗୋମାତାଙ୍କୁ ବନ୍ଦାପନା କରି ଗୋରୁମାନଙ୍କୁ ଘାସ ଓ ଖାଦ୍ୟ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଫାଇଲ ଭିତରେ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ

**ନୟାଗଡ ଅଫିସ,୨୨।୧୧:** ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପକୁ ନେଇ ରାଜନୀତି ଚାଲିଛି। ଏଣୁ ତିନି ଦଶନ୍ଧି ଧରି ଚାଷୀର ସମସ୍ୟା ସମାଧାନ ହୋଇପାରୁନି। ୧୯୮୦ ଦଶକରେ ପ୍ରସ୍ତାବିତ ପ୍ରକଳ୍ପକୁ ବୈଷୟିକ ଓ ଆର୍ଥିକ ମଞ୍ଜୁରୀ ମିଳିଥିଲା। ପରିବେଶ ମଞ୍ଜୁରୀ ମିଳୁ ନ ଥିବାରୁ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଆଗେଇ ପାରୁନି। ଏହା ପ୍ରତିଷ୍ଠା ହେଲେ ଜିଲାର ୬ଟି ବ୍ଲକର ୨୫ ହଜାର ଚାଷୀ ଉପକୃତ ହେବେ। ତେବେ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ ନେଇ ଜିଲାସ୍ତରରେ ଏକ ବୈଠକ ଶନିବାର କରାଯାଇ୧୨ ଜଣିଆ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। କମିଟିର ସଭାପତି ଭାବେ ଇଟାମାଟିର ମନୋଜ ସାହୁ ମନୋନୀତ ହୋଇଛନ୍ତି। ଏଥିରେ ଉପସଭାପତି ଭାବେ ବିନୋଦିନୀ ମହାନ୍ତି, ସମ୍ପାଦକ ବେଣୁଧର ନାୟକ, ସହସମ୍ପାଦକ ଲକ୍ଷ୍ମୀଧର ରାଉତରାୟ, କୋଷାଧକ୍ଷ ବସନ୍ତ କର ପ୍ରମୁଖ ଅଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ତିର୍ତ୍ତୋଲ,୨୨।୧୧(ଡି.ଏନ୍.ଏ.):** ତିର୍ତ୍ତୋଲ ଥାନା ଅଧୀନ ପିପ୍ପଳମାଧବ ପଞ୍ଚାୟତ ଅନ୍ତର୍ଗତ ଅରିଲୋ ଗ୍ରାମରେ ରବିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେ ହେଲେ ଗ୍ରାମର ହାପି ସ୍ୱାଇଁଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ। ମୃତକଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ .୪୨୧/୨୦) ରୁଜୁ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ବାହାଘର ପରେ ଶାଶୁ ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେଉଥିଲେ। ଅପରାହ୍ନରେ ଗାଁ ଲୋକେ ଶାଶୁଘରେ ପ୍ରିୟଦର୍ଶିନୀଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଶାଶୁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

### ଶାରଳା ମନ୍ଦିରରେ ଭକ୍ତଙ୍କୁ ଆକ୍ରମଣ

**ତିର୍ତ୍ତୋଲ, ୨୨।୧୧ (ଡି.ଏନ୍.ଏ.):** ତିର୍ତ୍ତୋଲ ଥାନା କନକପୁର ଫାଣ୍ଡି ଅଧୀନ ପ୍ରସିଦ୍ଧ ଝଙ୍କଡ ଶାରଳା ମନ୍ଦିର ନିକଟରେ ରବିବାର ଜଣେ ଭକ୍ତଙ୍କ ଉପରେ ଆକ୍ରମଣ ହୋଇଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା କରାଣ୍ଡିଆପାଟଣା ଗ୍ରାମର ସୁଧାଂଶୁ ନାୟକ। ତାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୪୨୨/୨୦) ରୁଜୁ ହୋଇଛି। ସୁଧାଂଶୁ ପରିବାର ସଦସ୍ୟଙ୍କ ସହ ଶାରଳା ମନ୍ଦିର ଆସିଥିଲେ। ମନ୍ଦିର ପରିସର ବାହାରେ ଥିବା ଦୋକାନ ଦେଇ ଯାଉଥିବା ବେଳେ ସାଥିରେ ଥିବା ଛୋଟ ପିଲା ଏକ ଦୋକାନରୁ ଖେଳନା ଛିଡ଼ାଇ ଦେଇଥିଲେ। ଏହା ପରେ ଉକ୍ତ ଦୋକାନୀ ତାଙ୍କୁ ଖେଳନା ନେବାକୁ ବାଧ କରି ଯୁକ୍ତିତର୍କ କରିଥିଲା। ସୁଧାଂଶୁ ରାଜି ନ ହେବାରୁ ସମ୍ପୃକ୍ତ ଦୋକାନୀ ଭାଇଙ୍କ ସହ ମିଶି ତାଙ୍କୁ ମାଡ଼ ମାରିଥିଲେ।

# ଜଙ୍ଗଲ ଜମିରୁ ମୋରମ ଚୋରାଚାଲାଣ

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୨୨।୧୧**



- ବାହାର ଜିଲାକୁ ହେଉଛି ପରିବହନ
- ୬୦ ହଜାର ଘନଫୁଟ ଉତ୍ତୋଳନ

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମାନତିରା ଓ ରାବଣା ଗ୍ରାମ ନିକଟ ଏକ ଜଙ୍ଗଲ ଜମିରୁ ପ୍ରାୟ ୬୦ ହଜାର ଘନଫୁଟ ମୋରମ ବାହାର ଜିଲାକୁ ଚୋରାଚାଲାଣ ହେଉଛି। ଏହି ବେଆଇନ କାର୍ଯ୍ୟକୁ ଜିଲା ପ୍ରଶାସନ ବନ୍ଦ କରିବା ବଦଳରେ ଓଲଟା ସହଯୋଗ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାଜନୈତିକ ହସ୍ତକ୍ଷେପ ଯୋଗୁ ପ୍ରଶାସନ ବେଆଇନ କାର୍ଯ୍ୟର ଅଂଶୀଦାର ସାଜିଥିବା ଚର୍ଚ୍ଚା ହେଉଛି। ଦାନଗଦି ବ୍ଲକ ମାନତିରା ପଞ୍ଚାୟତ ଅସନବାହାଲି ଗ୍ରାମର ଶତାଧିକ ଆଦିବାସୀ ପରିବାର ଉକ୍ତ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବାରୁ ବେଆଇନ ମୋରମ ଚାଲାଣ ସେମାନଙ୍କ ଜୀବନଜୀବିକା ଉପରେ ପ୍ରଭାବ ପକାଉଥିବା ପ୍ରକାଶ କରିଛନ୍ତି। ପୂର୍ବରୁ ସେମାନେ ଏହି ଜଙ୍ଗଲ ଜମିରେ ପ୍ରସ୍ତାବିତ ରେଲଲାଇନକୁ ବିରୋଧ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଦାନଗଦି ବ୍ଲକ ମାନତିରା ଓ ରାବଣା ଗ୍ରାମର ୨୦.୦୫ ଏକର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରି ଶିଳ୍ପାଞ୍ଚଳର ରେଲୱେ ସାଇଡିଂ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଥିଲା। ଏପରି କି ଉକ୍ତ ଜଙ୍ଗଲ ଜମିକୁ ଆବଣ୍ଟନ କରିବାକୁ ଇଡ୍‌କୋକୁ ନିୟୋଜିତ କରାଯାଇଥିଲା। ଏହାସହ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଇଡ୍‌କୋକୁ ଅନୁରୋଧ କରାଯାଇଥିବା ସଂକ୍ରାନ୍ତରେ ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ହୋଇଥିଲା। ଏହାବାଦ ଇଷ୍ଟକୋଷ୍ଟ ରେଲୱେ ଇଞ୍ଜିନିୟରିଂ ସ୍କେଲ ପ୍ଲାନ(ଇଏସ୍‌ପି) ମଞ୍ଜୁର ହୋଇଥିଲା। ଇତିମଧ୍ୟରେ ଉକ୍ତ ଜଙ୍ଗଲ ଜମିରୁ ବିପୁଳ ପରିମାଣର ମୋରମ ଖୋଳାଯାଇ ଗୋଟିଏ ସ୍ଥାନରେ ପାହାଡ ଭଳି ଜମା କରାଯାଇଥିଲା। ଅଞ୍ଚଳବାସୀ ଏନେଇ ଅଭିଯୋଗ କରିବା ପରେ ବର୍ଷକ ତଳେ ଦାନଗଦି ତହସିଲ ପକ୍ଷରୁ ପ୍ରାୟ ୬୦ ହଜାର ଘନଫୁଟ ମୋରମ ଜବତ ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ୧୦ କୋଟି ହେବ ବୋଲି କୁହାଯାଉଛି। ସମ୍ପ୍ରତି ଉକ୍ତ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ଷ୍ଟେଜ-୧ ପ୍ରକ୍ରିୟା ପ୍ରାୟତଃ ସମ୍ପନ୍ନ ହୋଇଛି। ଏହାର ସୁଯୋଗରେ କେତେଜଣ ପ୍ରଭାବଶାଳୀଙ୍କ ସହଯୋଗରେ ପ୍ରଶାସନିକ ଅନୁମତି ନେଇ ଭଦ୍ରକ ଜିଲା ଛତାବର ଅଞ୍ଚଳକୁ ମୋରମ ପରିବହନ ହେଉଛି। ଏହି ପରିବହନରେ ମାଇନ୍ସ ଆଣ୍ଡ ମିନେରାଲ (ଡେଭଲପ୍‌ମେଣ୍ଟ ଆଣ୍ଡ ରେଗୁଲେସନ) ବା ଏମ୍‌ଏମ୍‌ଡିଆର୍ ଆକ୍ଟ-୨୦୧୫ର ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ ମୋରମ ବ୍ୟବସାୟୀଙ୍କ ମଧ୍ୟରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଲାଞ୍ଚ କାରବାର ହୋଇଥିବା ଚର୍ଚ୍ଚା ହେଉଛି। ଏଠାରେ ଜଙ୍ଗଲ ସୃଷ୍ଟି କରିବା ପରିବର୍ତ୍ତେ ଜଙ୍ଗଲ ନଷ୍ଟ କରିବାକୁ ଉଦ୍ୟମ ହେଉଥିବା ଦେଖାଯାଇଛି। ଏ ସଂକ୍ରାନ୍ତରେ ଦାନଗଦି ତହସିଲଦାରଙ୍କ ମତାମତ ନେବାକୁ ଏକାଧିକ ଥର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ଗ୍ରାମସାଥୀଙ୍କୁ ମିଳୁନି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମସାଥୀମାନେ।

**ପଟ୍ଟାମୁଣ୍ଡାଇ,୨୨।୧୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟରେ ଗ୍ରାମସାଥୀମାନଙ୍କୁ ଅବହେଳା କରାଯାଉଛି। ଫଳରେ ଗ୍ରାମସାଥୀମାନେ ରୋଜଗାର ହରାଉଛନ୍ତି। ବ୍ଲକ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ବିଚାର କରାଯାଉନି ବୋଲି ବ୍ଲକ ଗ୍ରାମସାଥୀ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ପ୍ରତି ବିଡିଓଙ୍କୁ ଅଭିଯୋଗ ହୋଇଥିଲା। ବିଡିଓଙ୍କୁ ୮ ଦଫା ସମ୍ବଳିତ ଏକ ଦାବିପତ୍ର କମିଟି ପକ୍ଷରୁ ପ୍ରଦାନ କରାଯାଇଛି। ଦାବିଗୁଡିକ ହେଲା, ଗ୍ରାମସାଥୀଙ୍କୁ ପରିଚୟପତ୍ର ପ୍ରଦାନ, ଗ୍ରାମସାଥୀଙ୍କ ନାମରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟାଦେଶ ପ୍ରଦାନ, ପ୍ରତି ମାସରେ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ବ୍ୟବସ୍ଥା କରିବା, ସମସ୍ତ କାର୍ଯ୍ୟରେ ନିୟୋଜିତ କରିବା, ସେମାନଙ୍କ ଡାଟା ବେସ୍ ପ୍ରସ୍ତୁତ କରିବା। ଓଡ଼ିଶା ସରକାରଙ୍କ ଚିଠି ନଂ. ୯୪୦/୧୧।୧।୧୯ ଓ କେନ୍ଦ୍ରାପଡ଼ା ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି ନଂ. ୩୩୦୪/୨।୧୧।୨୦କୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବିରେ ଦର୍ଶାଇଥିଲେ। ଗ୍ରାମସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ହରେକୃଷ୍ଣ ମହାପାତ୍ର, ସମ୍ପାଦକ ସୁଧୀର ରଞ୍ଜନ ପ୍ରଧାନ, କୋଷାଧକ୍ଷ ନିର୍ମଳ ପାତ୍ର, କେନ୍ଦ୍ରାପଡ଼ା ବ୍ଲକ ସଭାପତି ପ୍ରଶାନ୍ତ ଦାସ, ଜିଲା ସଂଘ ସଭାନେତ୍ରୀ କନକଲତା ଜେନା, ଜିଲା ସମ୍ପାଦକ ଅନିଲ ଜେନା, ବନ୍ଦିତା ପ୍ରଧାନ, ଦେବାଶିଷ ମଲିକ, ପଦ୍ମିନୀ ସାମଲ, ତପସ୍ୱିନୀ ଦାସଙ୍କ ସମେତ ୩୫ଜଣ ସାମିଲ ହୋଇଥିଲେ। ବିଡିଓ ଭରତ ଚନ୍ଦ୍ର ପରିଡା ଜରୁରୀ କାମରେ ବାହାରେ ଥିବାରୁ ମୁଖ୍ୟ କିରାଣୀଙ୍କୁ ଦାବିପତ୍ର ଦେଇଥିଲେ। ବିଡିଓ ଶୁକ୍ରବାର ଗ୍ରାମସାଥୀମାନଙ୍କ ସହ ଆଲୋଚନା କରି ୭ ଦଫା ଦାବିକୁ ମାନି ନେଇଥିଲେ। ଗ୍ରାମସାଥୀଙ୍କ ନାମରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ସରକାର ଓ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପାଇବା ପରେ ପଦକ୍ଷେପ ନେବେ ବୋଲି ବିଡିଓ ପରିଡା ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ସହ ଆଲୋଚନା ସମୟରେ ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ ଗ୍ରାମସାଥୀ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଗାଁକୁ ଗାଁ ବୁଲି ଶିକ୍ଷାଦାନ



ଏକ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଉଛି।

**ନୟାଗଡ଼ ଅଫିସ/ ଦଶପଲ୍ଲା,୨୨।୧୧(ଡି.ଏନ୍.ଏ.)**

**ସରକାରୀ ଶିକ୍ଷକଙ୍କ ନିଆରା କାର୍ଯ୍ୟ**

ସ୍କୁଲ ଛୁଟି ସମୟରେ ସରକାରୀ ଶିକ୍ଷକଙ୍କ ନିଆରା କାର୍ଯ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଶିକ୍ଷକମାନେ ଗାଁକୁ ଗାଁ ବୁଲି ଶିକ୍ଷାଦାନ କରୁଛନ୍ତି। ଆଉ ଏଥିରେ ଅଙ୍ଗନୱାଡି କେନ୍ଦ୍ରର ପିଲାଠାରୁ ଆରମ୍ଭ କରି ବିଭିନ୍ନ ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସାମିଲ ହେଉଛନ୍ତି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶିକ୍ଷକମାନେ ଶିକ୍ଷାଦାନ ଜାରି ରଖିଛନ୍ତି। ଛୁଟିଦିନକୁ ବି ସେମାନେ ବାଦ୍ ଦେଉନାହାନ୍ତି। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନେଳିଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ଏଭଳି କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, କରୋନା ମହାମାରୀ ଯୋଗୁ ଏବେ ସ୍କୁଲ, କଲେଜ ବନ୍ଦ ରହିଛି। ମୋବାଇଲରେ ପାଠପଢ଼ା ସବୁ ଅଞ୍ଚଳରେ ସମ୍ଭବ ହେଉ ନାହିଁ। ଦଶପଲ୍ଲା ବ୍ଲକର ଦୁର୍ଗମ ଅଞ୍ଚଳରେ ନେଟୱର୍କ ନାହିଁ। ପୁଣି ସବୁ ଛାତ୍ରୀଛାତ୍ରଙ୍କ ନିକଟରେ ମୋବାଇଲ ନାହିଁ। ଫଳରେ ସେମାନେ ପାଠ ପଢ଼ିପାରୁ ନାହାନ୍ତି। ଏଭଳି ସମୟରେ ନେଳିଗୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ସବୁ ପିଲା ଯେପରି ପଢିପାରିବେ ସେହି ଚିନ୍ତା କରି ପ୍ରୟାସ ଆରମ୍ଭ କଲେ। ଏହି ସ୍କୁଲରେ ପ୍ରଥମଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୬ ଛାତ୍ରୀଛାତ୍ର ଥିବାବେଳେ ୬ଜଣ ଶିକ୍ଷକ ଅଛନ୍ତି। ଶିଶୁ ଦିବସ ପୂର୍ବରୁ ଏହି ସ୍କୁଲର ଶିକ୍ଷକମାନେ ଗାଁକୁ ଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ଯୋଜନା କଲେ। ସବୁ ଶିକ୍ଷକ ସହମତି ଦେବା ପରେ ଶିଶୁ ଦିବସଠାରୁ ପାଠପଢ଼ା ଆରମ୍ଭ ହେଲା। ଶିକ୍ଷକମାନେ ପ୍ରତିଦିନ ୨ରୁ ୩ଟି ଗାଁ ପରିକ୍ରମା କରୁଛନ୍ତି। ଗୋଟିଏ ଗାଁରେ ପାଠପଢ଼ା ଶେଷ ହେଲେ ଅନ୍ୟ ଗାଁକୁ ଯାଉଛନ୍ତି। ବର୍ତ୍ତମାନ ସୁଦ୍ଧା ଏମାନେ ନେଳିଗୁଡା, ନେଳିଗୁଡା ହରିଜନ ସାହି, ସାଳିଆଗୋଛା, ସାତଝରି, ବଡଗୋଠ, ବରପଲ୍ଲୀ, ପଥରଗୁଞ୍ଜା ଆଦି ଗାଁରେ ଶିକ୍ଷାଦାନ କରିସାରିଲେଣି। ଶିକ୍ଷକମାନେ ନିଜ ସ୍କୁଲ ସହ ଅନ୍ୟ ସ୍କୁଲର ଛାତ୍ରୀଛାତ୍ର, ସ୍କୁଲକୁ ଯାଉ ନ ଥିବା ଶିଶୁ ଓ ଅଙ୍ଗନୱାଡି କେନ୍ଦ୍ରର ପିଲାଙ୍କୁ ପାଠ ପଢାଉଛନ୍ତି। ପ୍ରକାଶଥାଉ କି ଦଶପଲ୍ଲାଠାରୁ ନେଳିଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୂରତା ୬ କିମି। ସେହିପରି ସ୍କୁଲଠାରୁ ଗାଁ ଗୁଡିକର ଦୂରତା ୧ରୁ ୭ କିମି ମଧ୍ୟରେ ରହିଛି।

## ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଚଢ଼ାଉ: ୧୦୫୦ ଟଙ୍କା ଜରିମାନା

**ଖଣ୍ଡପଡ଼ା,୨୨।୧୧(ସ୍ୱ.ପ୍ର.):** ଖଣ୍ଡପଡା ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ପଲିଥିନ ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ପରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଚଢାଉ କରି ବିପୁଳ ପରିମାଣର ପଲିଥିନ ଜବତ କରିଥିଲେ। ଜରିମାନା ବାବଦରେ ୧୦୫୦ ଟଙ୍କା ଆଦାୟ କରିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଚଢାଉ ପରେ ବ୍ୟବସାୟୀମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଚଢାଉ ଅଭିଯାନକୁ ଜୋରଦାର କରାଯିବା ବୋଲି ଏନ୍‌ଏସି କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ।

## ଦୁଇ ପୁସ୍ତକ ଉନ୍ମୋଚିତ

**ଖଣ୍ଡପଡା,୨୨।୧୧(ସ୍ୱ.ପ୍ର):** ଭାପୁର ବ୍ଲକ ପଥରଚକଡାସ୍ଥିତ ମା' ନାରାୟଣୀ ପୀଠରେ ରବିବାର କବି ନୀଳକଣ୍ଠ ପଟ୍ଟନାୟକଙ୍କ ରଚିତ କବିତା ପୁସ୍ତକ 'ଦାରୁ ଦେବତା ଓ ସମଉଚ୍ଚାରିତ ଶବ୍ଦେ ଭିନ୍ନତାର ଦୃଷ୍ଟି' ପୁସ୍ତକ ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ବିଶିଷ୍ଟ ସାହିତ୍ୟିକ ପ୍ରଭାତ ନନ୍ଦ, ସମ୍ମାନିତ ଅତିଥି ସୁସାହିତ୍ୟିକା ଅଧ୍ୟାପିକା ଡ. ଆରତୀ କର, ଅନ୍ୟତମ ସମ୍ମାନିତ ବକ୍ତା ପ୍ରାଧ୍ୟାପକ ଡ. ପବିତ୍ର ସୁବୁଦ୍ଧି ଯୋଗଦେଇ ପୁସ୍ତକଗୁଡିକର ସମୀକ୍ଷା କରିଥିଲେ। ଉତ୍ସବରେ ପୂଜ୍ୟପୂଜା ଭୁବନେଶ୍ୱରର ସଭାପତି ବିରଜା ପ୍ରସାଦ ଶତପଥୀ, ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରମାକାନ୍ତ ମିଶ୍ର ସଂଯୋଜନା କରିଥିଲେ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଚଣ୍ଡିଖୋଲ,୨୨।୧୧(ଡି.ଏନ.ଏ.)**

**ରାସ୍ତାକଡ଼ରୁ ଅଚେତ ଅବସ୍ଥାରେ ଉଦ୍ଧାର କଲେ ସାମାଜିକ କର୍ମୀ**

ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳ ବରୁଣେଇ ପାହାଡ଼ ତଳୁ ରବିବାର ଭୋରୁ ଜଣେ ମହିଳାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ମହିଳାଙ୍କୁ ଦୁର୍ବୃତ୍ତ ବଳାତ୍କାର କରି ରାସ୍ତା କଡ଼ରେ ଫିଙ୍ଗି ଦେଇଥିବା ତାଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା(ନଂ.୩୮୭/୨୦) ରୁଜୁକରି ତଦନ୍ତ ଆରମ୍ଭ କରିଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳର ଏହି ମହିଳା ଜଣକ ଧାନମଣ୍ଡଳଠାରେ ରହି ଫେରିବେପାର କରୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

ମହିଳାଙ୍କ ପୁଅଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ରାତିରେ ଘରେ କେହି ନ ଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ବଳାତ୍କାର କରି କୋଣାର୍କ ଝୋଟକଳକୁ ଯାଇଥିବା ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏହି ସମୟରେ ଦୁଇ ସାମାଜିକ କର୍ମୀ ଆସି ମହିଳାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମହିଳାଙ୍କ ବୟସ ୪୫ ବର୍ଷ ହେବ ବୋଲି ଥାନାଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଛି।

# ଗୋରକ୍ଷଣୀରେ ଗୋଷ୍ଠାଷ୍ଟମୀ ଉତ୍ସବ



ଗୋରକ୍ଷଣୀରେ ଗୋରୁଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ଡେରାବିଶ, ୨୨।୧୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ନିଳିକଣାଠାରେ ଥିବା ଶ୍ରୀବଳଦେବ ଜୀଉ ଗୋରକ୍ଷଣୀ ସ୍ଥାନୀୟ ଲୋକ ଓ ମୁଠି ଚାଉଳରେ ଚାଲିଛି। ରବିବାର ଏଠାରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଫକୀର ଚରଣ ଖଟୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସକାଳୁ ସମସ୍ତ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗୋରୁମାନଙ୍କୁ ଖାଦ୍ୟ ଦିଆଯାଇଥିଲା। ବ୍ଲକ ଅଞ୍ଚଳରେ ଏକମାତ୍ର ଗୋରକ୍ଷଣୀ ହୋଇଥିବାରୁ ଗୋଷ୍ଠାଷ୍ଟମୀ ତିଥି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁବ୍ୟକ୍ତି ଉତ୍ସବରେ ଭାଗ ନେଇଥିଲେ। ଉତ୍ସବରେ ସ୍ୱାଧୀନତା ସଂଗ୍ରାମୀ ବିଦ୍ୟାଧର ମୁଦୁଲି, ସୁଶୀଲ ସାମଲ, ବିଧୁଭୂଷଣ ମହାପାତ୍ର, ରାମନାରାୟଣ ପ୍ରଧାନ, ଶରତ କୁମାର ବେହୁରା, ମୁକ୍ତାର ଖାଁ, କ୍ଷିରୋଦ ଚନ୍ଦ୍ର ଦାସ, ଧ୍ରୁବ ଚରଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଗୋରକ୍ଷଣୀ ପ୍ରତିଷ୍ଠାତା ବଟକୃଷ୍ଣ ପ୍ରଧାନଙ୍କର ନିକଟରେ ମୃତ୍ୟୁ ହୋଇଥିବାରୁ ଏହାର ଦାୟିତ୍ୱରେ ଥିବା ଖଟୁଆ କହିଛନ୍ତି, ରାଜ୍ୟ ସରକାର ଗୋଶାଳାଗୁଡ଼ିକର ଉନ୍ନତୀକରଣ ଓ ଗୋମାତାଙ୍କ ସେବାଯତ୍ନ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ପାଇଁ ସେ ଦାବି କରିଛନ୍ତି।

# ଧୀରେ ବଢ଼ୁଛି ପର୍ଯ୍ୟଟକଙ୍କ ଆଗମନ

**ଜଗତସିଂହପୁର ଅଫିସ, ୨୨।୧୧**

**ଜଗତ୍‌ସିଂହପୁର ଜିଲା**

ମଠ, ମନ୍ଦିର, କଳା, ସଂସ୍କୃତିତଥା ପର୍ଯ୍ୟଟନ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ସୁନାମ ରହିଛି। ଏ ଜିଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଶାରଳା। ତାଙ୍କ ଦର୍ଶନ ପାଇଁ କେବଳ ରାଜ୍ୟ ନୁହେଁ, ବାହାରୁ ମଧ ପ୍ରତ୍ୟହ ଭକ୍ତଙ୍କ ଆଗମନ ହୋଇଥାଏ। ଶିଳ୍ପ ସମୃଦ୍ଧ ପାରାଦୀପ ପୂର୍ବ ଭାରତର ପ୍ରବେଶ ପଥ ଭାବେ ପରିଚିତ। ପାରାଦୀପ ବନ୍ଦର ଜିଲାର ଅନ୍ୟ ଏକ ଆକର୍ଷଣ। ସେହିପରି ଧଳତଙ୍ଗଗଡ଼ ବନାଞ୍ଚଳ, ଶିଆଳି ସମୁଦ୍ର ବେଳାଭୂମି, କୁଞ୍ଜବିହାରୀ ମଠ, ରଘୁନାଥଜୀଉ ମନ୍ଦିର, ଗାରୋଇ, ଧାନକୁଦ ଓ ବନ୍ଦର ଆଦି ପର୍ଯ୍ୟଟନସ୍ଥଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଶୀତଦିନେ ଏହି ପର୍ଯ୍ୟଟନ ସ୍ଥଳଗୁଡିକରେ ଅଧିକ ଗହଳି ଦେଖିବାକୁ ମିଳେ। ଏବେ କରୋନା କଟକଣା ସତ୍ତ୍ୱେ ଶୀତଋତୁରେ ପର୍ଯ୍ୟଟକଙ୍କ ଆଗମନ ଦେଖିବାକୁ ମିଳୁଛି। ବିଗତ ବର୍ଷଗୁଡିକ ପରି ଗହଳି ପରିଲକ୍ଷିତ ହେଉ ନ ଥିଲେ ମଧ ପର୍ଯ୍ୟଟକମାନେ କଟକଣା ମାନି ଏସବୁ ସ୍ଥାନକୁ ବୁଲିବାକୁ ଆସୁଛନ୍ତି। ମନ୍ଦିର ଭିତରକୁ ପ୍ରବେଶ ମନା ଥିବାରୁ ପର୍ଯ୍ୟଟକମାନେ ବାହାରେ ଦର୍ଶନ କରୁଛନ୍ତି। ମା'ଶାରଳାଙ୍କ ମନ୍ଦିର ପାଖରେ ରହିଛି ଆଦି କବି ଶାରଳା ଦାସଙ୍କ ଘର। ଶାରଳା ଦାସ ଏହି ମନ୍ଦିର ତଥା ମା'ଙ୍କ ସମ୍ପର୍କରେ ମହାଭାରତରେ ଅନେକ କିଛି ଲେଖିଛନ୍ତି। ମା'ଙ୍କ ମହିମା ପାଇବା ପାଇଁ ପ୍ରତ୍ୟହ ଏଠାରେ ଭକ୍ତଙ୍କ ଭିଡ଼ ଜମିଥାଏ। ପାଲା, ସଙ୍ଗୀତ, ନୃତ୍ୟ ଆଦି ଶିକ୍ଷାଲାଭ କରିବାକୁ ଚାହିଁଲେ ପ୍ରଥମେ ମା'ଶାରଳାଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ସେହିପରି ସ୍ଥାନୀୟ ଯାତ୍ରା ପାର୍ଟିଗୁଡିକ ପ୍ରତିବର୍ଷ ଯାତ୍ରା କରିବାକୁ ବାହାରିବା ପୂର୍ବରୁ ପ୍ରଥମେ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଏବେ ପର୍ଯ୍ୟଟକମାନେ ଆସି ମା'ଙ୍କୁ ଫାଟକ ପାଖରୁ ଦର୍ଶନ କରୁଛନ୍ତି। ସେହିପରି ପାରାଦୀପ ବନ୍ଦର ଓ ସମୁଦ୍ର ବେଳାଭୂମି ଦେଖିବାକୁ ଚଳିତ ବର୍ଷ ମଧ ବହୁ ପର୍ଯ୍ୟଟକଙ୍କ ଆଗମନ ହେଉଛି । ଜିଲା ମୁଖ୍ୟାଳୟରୁ ୧୫ କିଲୋମିଟର ଦୂରରେ ରହିଛି ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ। ହରିଣଙ୍କ ଯୋଗୁ ଏହି ଜଙ୍ଗଲ ସ୍ୱତନ୍ତ୍ର ପରିଚୟ ପାଇଛି। ଜଙ୍ଗଲରେ ବହୁ ସଂଖ୍ୟକ ଠେକୁଆ, ହେଟାବାଘ, ଝିଙ୍କ, ସାଳିଆପତନି, କଟାଶ, ବିଲୁଆ ଓ ସରୀସୃପ ଆଦି ରହିଛନ୍ତି। ଏଠାରେ ବିଭିନ୍ନ କିସମର ଔଷଧୀୟ ବୃକ୍ଷ ରହିଛି। ସେହିପରି ଧ୍ରୁବ ତପସ୍ୟା ସ୍ଥଳ 'ଧଉଳିକୁଦ' ହେଉଛି ଏହି ଜଙ୍ଗଲର ଆଉ ଏକ ଆକର୍ଷଣ। ସେଠାରେ ଦିବାରାତ୍ର ଅଖଣ୍ଡ ଧ୍ୱନି ଦେଖିବାକୁ ମିଳେ। ଏହା ପାର୍ଶ୍ୱରେ ବନଦୁର୍ଗା ମନ୍ଦିର ରହିଛି। ଜଙ୍ଗଲ ପରିସରରେ ଏକ ଇକୋ ଟୁରିଜମ୍ କେନ୍ଦ୍ର ରହିଛି। ଏସବୁ ସ୍ଥାନରେ ପର୍ଯ୍ୟଟକମାନେ ପରିବେଶର ମଜା ନେଉଛନ୍ତି। ଏହାବାଦ୍ ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀ ମଠ, ଶିଆଳି ସମୁଦ୍ର ବେଳାଭୂମି, ଚାନ୍ଦପୁର ରଘୁନାଥଜୀଉ ମନ୍ଦିର, ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟ ଆଦିକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ଗ୍ରହଣ କରାଯାଇଛି। ଏଗୁଡ଼ିକ ମଧ୍ୟରୁ କୁଞ୍ଜବିହାରୀ ମଠ ପରିସରରେ ଥିବା ବିରାଟ ଜଗନ୍ନାଥ ମନ୍ଦିର ଜିଲାର ଏକ ଆକର୍ଷଣସ୍ଥଳ ଭାବେ ଜଣାଶୁଣା। ସେହିପରି ରଘୁନାଥଜୀଉ ମନ୍ଦିରର ଅନୁପମ କାରୁକାର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ। ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ସୋମନାଥ ମନ୍ଦିର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ମାଛଗାଁର ଗାରେଇ, ପଞ୍ଚସଖା ଧାନକୁଦ୍, ମରୀଚିପୁର ବନ୍ଦର, ବନ୍ଦରାଇ ଠାକୁରାଣୀ ମନ୍ଦିର, ବାଲିଆ ଗୋପୀନାଥ ମନ୍ଦିର, ବାଇଶି ମୌଜାର ଜଗନ୍ନାଥ ମନ୍ଦିର, ଶାଳିଜଙ୍ଗା ମଠ, ପଞ୍ଚୁପଲ୍ଲୀ, ଯଶୋବନ୍ତପୀଠ ଆଦିକୁ ପର୍ଯ୍ୟଟକମାନେ ବୁଲିବାକୁ ଆସୁଛନ୍ତି। ଗୋରେଖନାଥ ପୀଠ ଜିଲାର ଅନ୍ୟ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି।



ଶିଆଳି ବେଳାଭୂମିସ୍ଥିତ ୱାଚ ଟାୱାର।

ଜଗତ୍‌ସିଂହପୁର ଟୁରିଷ୍ଟ ଅଫିସର ସୁଜାତା ପଟ୍ଟନାୟକ କୁହନ୍ତି, ଚଳିତବର୍ଷ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ପାଇଁ ଅନୁଦାନ ଆସିନାହିଁ। ତଥାପି ପାରାଦୀପ ସମୁଦ୍ର କୂଳକୁ ବିଭାଗ ପକ୍ଷରୁ ପ୍ରମୁଖ ସ୍ଥାନ (ପ୍ରାୟୋରାଟାଇଜ ଡେଷ୍ଟିନେଶନ)ଭାବେ ଗ୍ରହଣ କରାଯାଇଛି। ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ଲୋକେ ଯିବାରେ କୌଣସି ଅସୁବିଧା ନାହିଁ। କିନ୍ତୁ କୋଭିଡ୍ କଟକଣା ମାନି ଆମୋଦପ୍ରମୋଦ କରିବା ଉଚିତ।

